# ପୁଷ ରବିବାର ବ୍ରତ କଥା

Scanned under
Project Pothi

# ପୁଷ ରବିବାର ବ୍ରତ କଥା

ଧର୍ମ୍ମ ନିରଞ୍ଜନ କେବା ଚରଣେ ନମଇ । ପୁଷ ରବିବାର କଥା କହି ଆରମ୍ଭଇ ॥ ଶୁଣ ଜନେ ମରହଟ୍ଟା ଦେଶର ରାଜନ । ସୁଗତି ନାମରେ ଥିଲେ ଅତି ଗୁଣବାନ ॥ ସୁଶୀଳ ନାମରେ ଥିଲେ ତାଙ୍କ ମହାଦେଇ । ପତିବ୍ରତା ଧର୍ମ୍ମଶାଳୀ ତାଙ୍କପର ସେହି ॥ ରାଜା ପୁତ୍ର ସମାନରେ ପ୍ରଜାଙ୍କୁ ପାଳନ୍ତି । ଦେବଗୁରୁ ଦ୍ୱିଜବରେ କରନ୍ତି ଭକତି ॥ ସେହି ପୁଣ୍ୟେ ରାଜାଙ୍କର ଏକଇ କୁମର । ହୋଇଲା ଯେ ରୂପେ ଗୁଣେ ନାହିଁ ପଟାନ୍ତର ॥ ସୁନ୍ଦର ଗୁଣରେ ପୁତ୍ର ହୋଇ ଆଗୁସାର । ଦିନୁ ଦିନ ପାଠପଢ଼ି ହୋଇଲା ଗୁଣାକାର ॥ ସେ ପୁତ୍ରର ନାମ ରତ୍ନାକର ଯେ ଅଟଇ । ସକଳ ଗୁଣରେ

ତାଙ୍କୁ ସମାନଟି ସେହି ॥ ସେ ପୁତ୍ରର ଯଉବନ ସମସ୍ତ ହୁଅନ୍ତେ । ମହିମା କରନ୍ତ ବୁଲି ସଖୀଙ୍କ ସଙ୍ଗତେ ॥ ଦିନେ ସଙ୍ଗୀମାନଙ୍କର ସଙ୍ଗେ ରତ୍ନାକର । ବସିଅଛୁ ସେହିପଥେ ଆଗରେ ତାହାର । ଏକ ମହାଜନ ପୁତ୍ର ବିଭା ହୋଇକରି । କନ୍ୟା ଘେନି ଯିବାରୁ ତା ଅନ୍ୟାସ୍ତୁ ବଜୁରି ॥ ଆପଣା ଗୃହକୁ ଯାଇ ସେ ରାଜନନ୍ଦନ । ଜନନୀ ନିକଟେ କଲେ ବିରସେ ଏସନ ॥ ଅଗୋ: ମାତା ଦେଖିଲି ମୋ ସଙ୍ଗୀ ଯେତେଛନ୍ତି । ସକଳେ ହୋଇଲେ ବିଭା ଖୋଜି ଯେଝା ଜାତି ॥ କାହିଁ ପାଇଁ ମୋତେ ବିଭା ନକର ଗୋ ମାତ । ଏହାକହି ରତ୍ନାକର ହୁଅନ୍ତେ ଦୁଃଖିତ ॥ ପୁତ୍ରର ବଚନ ଶୁଣି ଶୁଣିଲା କହଇ । କରାଇବା ବିଭା ତୋତେ ନ ଭାଳରେ ତୁହି । ଏହା କହି ମହାଦେଈ ନୃପ ପାଶେ ଯାଇ । ବୋଲଇ ହେ ରାଜା ଶୁଣ ଯାହା ମୁଁ କହଇ ॥ ହୋଇଲା ନନ୍ଦନ ଯୁବା ତାହାଙ୍କୁ ବିବାହ । ନକର କିପାଇଁ ଏଥେ ମରମ କି କହ ॥ ରାଣୀ ବଚନରେ ରାଜା ଚମକି ପଡ଼ିଲା । ମୋ ମନେ ତା ନାହିଁ ବୋଲି ରାଣୀକି କହିଲା । ଆଉ କିଛି ନ ବୋଲ ଗୋ ଅଲପ ଦିନରେ । କରାଇବି ବିଭା କନ୍ୟା

ଖୋଜଇ ଝଟରେ ॥ ରାଣୀ ତାହା ଶୁଣି ଅନ୍ତଃପୁରକୁ ଚଳିଲ । ରାଜା ତହୁଁ ଯାଇଣ ଦ୍ୱିଜଙ୍କୁ ଡ଼ିକାଇଲ । ନିକଟେ ବସାଇ ତାଙ୍କୁ ବୋଲେ ହେ ଗୋସାଇଁ । କନ୍ୟା ଏକ ବୁଝ ଆମ୍ଭ ଯୁବରାଜ ପାଇଁ ॥ ରାଜା ବଚନରେ ବିପ୍ର ହେଉ ବୋଲି କହି । ରାଜା ପଉରୁଷ ଘେନିଗଲ ବେଗ ହୋଇ ॥ ଅନେକ ସ୍ଥାନରେ ବୁଲି କର୍ଣ୍ଣାଟ ଦେଶରେ । ମିଳିଲେ ସୋଧନଚନ୍ଦ୍ର ସାଧବ ନଗରେ ॥ କଳାବତୀ ନାମଥିଲ ସାଧବର ଝିଅ । ସର୍ବ ସୁଲକ୍ଷଣୀ ରୂପ ଗୁଣରେ ଅତିହି ॥ ତାହା ଜାଣି ବିପ୍ର ତାଙ୍କୁ ବୁଝାଇ କହିଲେ । ଆମ୍ଭ ରାଜାଙ୍କର ପୁତ୍ର ଅଛନ୍ତି ବୋଇଲେ ॥ ସେ ରାଜପୁତ୍ରଙ୍କୁ ତୁମ୍ଭେ କନ୍ୟା ଦାନକର । ବୁଝିଲେ ତାହାକୁ ହେବ ନାହିଁ ଅସୁନ୍ଦର । ଶୁଣି ତା ସାଧବ ତହୁଁ ସନମତ କଲ । ରାଶି ପୋଥି କରି ବିପ୍ର ସେଠାରୁ ଚଳିଲ ॥ ସ୍ୱଗତ ନୃପତି ପାଶେ ମିଳି ସେ ବ୍ରାହ୍ମଣ । ସବୁକଥା ତାଙ୍କ ଆଗେ କରନ୍ତେ ବଖାଣ ॥ ତାହା ଶୁଣି ନରପତି ଆନନ୍ଦ ହୋଇଲେ । ଗହଣା ଲଗାଇ ପୁତ୍ର ଘେନି ଚଳିଗଲେ । କେତେଦିନ ଯାଇ ମିଳି କର୍ଣ୍ଣାଟ

ଦେଶରେ । ପରବେଶ ହୁଅନ୍ତେ ସେ ସାଧବ ନଦରେ ।
ଦେଖି ତାହା ଧନବନ୍ତ ସାଧନ ତୋଷରେ ॥ ସେମାନଙ୍କୁ
ରଖାଇଲ ଉତ୍ତମ ବାସରେ ॥ ଶୁଭଯୋଗ ଲଗ୍ନ ଦେଖି
କଲ କନ୍ୟାଦାନ । ଯାହା ଯଉତୁକ ଦେଲ ନୁହଇ ଗଣନ ॥
ବିଭସାର ସବ ତହିଁ ସେ ନଶି ବଞ୍ଚିଲେ । ପରଦନ
ବରକନ୍ୟା ଘେନ ଲେଉଟିଲେ । ସାଧବ ଅନେକ ଧର
ଶକଟରେ ଦେଲ । ଝିଅ ସଙ୍ଗେ ଆନନ୍ଦ ମନରେ ବଦେକଲ
ରାଜପୁର ନକଟରୁ କିଛଦୂରେ ଥାଇ । ଦାନ୍ଦୋଳାରେ
ସାଧବର ଝିଅ ଦେଖି ଚହିଁ ॥ ରବିଅସ୍ତ ହେବାକୁ ଅଳପ
ଅଛଇ । ଏହା ଦେଖି ସାଧବର ଝିଅ ବିଚାରଇ ॥ ମୋ
ବାପା ସାଧବ ଦେଇଅଛି ଯେତେ ଧର । କିଏ ତା ଦେଖିବ
ଅବା ହୋଇଲେ ଅନ୍ଧାର ॥ ଏହା ଭବ ଆଦତ୍ୟଙ୍କୁ ସାଧବ
ଦୁହତା । ବହୁ ବିନୟରେ ବୋଲେ ହେ ଦେବ ସବତା ॥
କୃପାବହ କିଛବେଳ ସ୍ଥିର ଗତିକର । ଯେଉଁପରି ଅତ
ବେଗେ ନୋହବ ଅନ୍ଧାର ॥ ଆମ୍ଭେମାନେ ସବେ ଯାଇ
ରାଜ ଭବନରେ । ପରବେଶ ହୋଇବୁ ଟି ସଥା ଦବସରେ ॥
ତହିଁପରେ ତୁମ୍ଭେ ଅସ୍ତାଚଳେ ପଛେ ଯିବ । ଏ ମୋର

ବନସ୍ଥ ଘେନ ହେ ସୂର୍ଯ୍ୟଦେବ ॥ ସାଧବ ଦୁହିତା ବନସ୍ଥରେ ଧନକର । ବିଳମ୍ବ ଗତ କରନ୍ତେ ହୋଇଲା ଉଛୁର ॥ ରାଜା ସଦନରେ ସର୍ବେ ପ୍ରବେଶ ହୋଇଲେ । ତହିଁପରେ ଦିନରାଜ ଅସ୍ତାଚଳେ ଗଲେ ॥ ସେ ଦିନ ସୂର୍ଯ୍ୟଙ୍କ ମାତା ପୁଅକୁ ଅନାଇଁ । ବିକଳେ ଭାଳନ୍ତି ସୁତ ନଇଲା କିପାଇଁ ॥ କାହିଁକି ବିଳମ୍ବ ହେଲା ମନରେ ବିଚାରି । ବାଟେ ଠିଆ ହୋଇଛନ୍ତି ପଥେ ଚାହିଁକରି । ଏହିକାଳେ ରବି ଯାଇ ପ୍ରବେଶ ହୁଅନ୍ତେ । ତାଙ୍କୁ କୋଳେ ମାତା ବୋଇଲେ ଏମନ୍ତେ ॥ ଆରେ ବାବୁ ଆଜି ତୋର କାହିଁକି ଉଛୁର ? ହୋଇଲା କେ ଅବା ଜଗିଲା ପଥ ତୋହର ॥ ଯେ କେହି ହେଉ ବିଳମ୍ବ କଲା ଯେଣି ତୋର । ମୋ ଅଭିଶାପରେ କୁଷ୍ଠ ହେଉ ଅଙ୍ଗେ ତାର ॥ ଗଳିତ କୁଷ୍ଠେ ତା ହାତଗୋଡ଼ ଛୁଡ଼ିଯାଉ । ତୋ ପଥ ବିଳମ୍ବ କରିବାର ଫଳ ପାଉ ॥ ଏହାଶୁଣି ଆଦିତ୍ୟ ସେ ବିରସ ହୋଇଲେ । କି କଲି କି କଲି ମାତା ବୋଲି ସେ ବୋଇଲେ ॥ କେହି ମୋର ପଥରୁନ୍ଧି କରିନାହିଁ ଜାଣ । ଯହିଁକି ବିଳମ୍ବ ହେଲା ବୁଝ ତା କାରଣ ॥ ସାଧବର ଝିଅ ଆଜି ଘେନି ବୋଝ ଭାର ।

ଗହଣା ଲଗାଇ ଯାଉଥିଲେ ସ୍ୱାମୀ ଘର । ତାହା ଦେଖୁ ଦେଖୁ ମୋର ବିଳମ୍ବ ହୋଇଲା । ଅକାରଣେ କେଉଁଜଣ ଦୋଷକାରୀ ହେଲା । ଅକାରଣେ ତାକୁ ଅଭିଶାପ ଦେଲେ ମାତ । କହ ଏବେ କପରି ସେ ହୋଇବ ମୁକତ ॥ ଆଦିତ୍ୟ ବଚନେ ତାଙ୍କ ଜନନୀ କହନ୍ତି । ପୁଷ ରବିବାର କଲେ ହେବ ସେ ମୁକତ ॥ ପୁଷ ମାସ ରବିବାର ଦିନ ପ୍ରଭାତରୁ । ରବି ଉଦେ ନୋହୁ ବେଗେ ଉଠିବ ଶେଯରୁ ॥ ବିଧାନରେ ଯାଇ ସ୍ନାନ କରି ଆସ ବେଗେ । ତୁଳସୀ ମୂଳରେ ଲିପି ଗୋମୟ ସବାଗେ ॥ ତହିଁରେ ମଣ୍ଡଳ ଲେଖି ରବିଙ୍କୁ ସ୍ଥାପିବ । ନାନା ବର୍ଣ୍ଣେ ଫୁଲେ ସେ ସ୍ଥାନକୁ ମଣ୍ଡାଇବ ॥ ବେଦମନ୍ତ୍ର ଜାଣି ଥିବେ ଦ୍ୱିଜେକ ଡ଼କାଇ । ସୂର୍ଯ୍ୟପୂଜା କରାଇବ ନାନା ଭୋଗ ଦେଇ ॥ ଶର୍କରା ମିଶ୍ରିତ ଲଜା ପକ୍ୱ ରମ୍ଭାଫଳ । ଆମିଷ ଦଧି ଗୋଟିକା ଆଦି ନାରିକେଳ । ଏ ବିଧିରେ ନାନା ଉପହାର ପୂଜା କଲେ । ଅବଶ୍ୟ ହୋଇବ ମଙ୍ଗଳଟି ଜାଣ ଭଲେ ॥ ଏହା କହି ମାତା ପୁତ୍ରେ ରହିଲେ ସନ୍ତୋଷେ । ଶୁଣ ଜନେ ଏଥି ଅନ୍ତେ କେତେକ ଦିବସେ ॥

ସାଧବ ଝିଅର ଦେହ କୁଷ୍ଠରୋଗ ହେଲା । ଦିନୁ ଦିନ ତାହାକୁ ଅବଶ କରିଦେଲା ॥ ରାଜା ରାଣୀ ତାହା ଦେଖି ଦୁଃଖିତ ହୋଇଲେ ॥ ଗୁରୁ ବ୍ରାହ୍ମଣଙ୍କୁ ଡ଼ାକି ସବୁ ଜଣାଇଲେ । ସେମାନେ ସକଳ ଶୁଣି କହିଲେ ବିଚାରି । ମୋଟେ ପୁଷ ରବିବାର ପୂଜା କରିପାରି ॥ ତେବେ ଜାଣ ତାହାର ରୋଗ ଛୁଡ଼ିଯିବ । ଆଉ ଯା ମାଗିବ ତାହା ଅବଶ୍ୟ ଫଳିବ ॥ ଏହା ବୋଲି ସେ ପୂଜାର ବିଧି ଚଳାଇଲେ । ଶୁଣି ତାହା ରାଜାରାଣୀ ବିଧିକୁ କହିଲେ ॥ ସାଧବର ଝିଅ ଶୁଣି ଭକତି ଚିତ୍ତରେ । କଲା ପୁଷ ରବିବାର ପୂଜାକୁ ବିଧିରେ ॥ ତହୁଁ ଦିନୁ ଦିନ ତାର ବ୍ୟାଧି କେଉଁଣେ ଗଲା । ପୁତ୍ର ଧନ ପତି ସୁଖେ ସୁହାଗୀ ହୋଇଲା ॥ ଆହେ ଜନେ ପୁଷ ରବିବାର ଯେ କରଇ । ତାହାର ସକଳ ବାଞ୍ଛା ଅବଶ୍ୟ ଫଳଇ ॥ ସୂର୍ଯ୍ୟଦେବ ପୂଜା ବ୍ରତ ଏକ ମନେ ଶୁଣ । ଭକତିରେ କଲେ ହୋଏ ବାଞ୍ଛିତ ପୂରଣ । ୭୯ ।

—ସମାପ୍ତ—